To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

ସକାଳ
SAKALA

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

ଟେରର ଫଣ୍ଡିଂ: ଏନଆଇଏ ଦାଖଲ କଲା ଚାର୍ଜସିଟ୍, ୨୬/୧୧ ମାଷ୍ଟରମାଇଣ୍ଡ ହାଫିଜ ସୟିଦର ନାମ ସାମିଲ ।

R.N.I. No.-42041/83 Vol-15, Issue No.199, ଭଦ୍ରକ, ଶୁକ୍ରବାର, ୧୯, ଜାନୁୟାରୀ ୨୦୧୮ ■ Bhadrak, Friday, 19 January 2018 Rs. 2.00 Pages-8

୨୯ ସାମଗ୍ରୀ ଓ ୫୩ ସେବା ଶସ୍ତା

- ■ ଜିଏସଟି କାଉନସିଲର ୨୫ତମ ବୈଠକ ଶେଷ
- ■ ୨୫ରୁ ନୂଆ ଦର ଲାଗୁ
- ■ ଇ-ୱେ ବିଲ୍ ବ୍ୟବସ୍ଥା ଲାଗି ୧୫ ରାଜ୍ୟ ରାଜି

ନୂଆଦିଲ୍ଲୀ, ୧୮।୧: ଜିଏସଟି କାଉନସିଲର ୨୫ତମ ବୈଠକ ଶେଷହୋଇଛି । ପ୍ରାୟ ୨୯ଟି ଦ୍ରବ୍ୟ ଓ ୫୩ଟି ସେବା ଉପରେ ଲାଗୁ ଜିଏସଟି ହାରକୁ ହ୍ରାସ କରାଯାଇଛି । ଏହା ସହିତ ପ୍ରାୟ ୨୯ଟି ହସ୍ତଶିଳ୍ପ ସାମଗ୍ରୀକୁ ଜିଏସଟି ମୁକ୍ତ ତାଲିକାରେ ସାମିଲ କରାଯାଇଛି । ଏ ସଂପର୍କରେ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ସୂଚନା ଦେଇଛନ୍ତି । ବୈଠକ ପରେ ଜେଟଲୀ କହିଛନ୍ତି ଯେ ୨୯ଟି ଦ୍ରବ୍ୟ ଓ ୫୩ଟି ସେବା ଉପରୁ ଜିଏସଟି ହାର ହ୍ରାସ କରିବାଲାଗି ଫିଟମେଣ୍ଟ କମିଟି ସୁପାରିଶ କରିଥିଲା । ଜିଏସଟି କାଉନସିଲ ଫିଟମେଣ୍ଟ କମିଟିର ଏହି ସୁପାରିସକୁ ମାନିନେଇଛି । ଆସନ୍ତା ୨୫ ତାରିଖରୁ ଏହି ନୂଆ ଦର ଲାଗୁ ହେବ । ଆସନ୍ତା ଫେବ୍ରୁଆରୀ ୧ରେ କେନ୍ଦ୍ର ସରକାର ବଜେଟ ଆଗତ କରିବାକୁ ଯାଉଥିବାରୁ ଏହି ବୈଠକର ବେଶ ଗୁରୁତ୍ୱ ରହିଛି ।ତେବେ ଏହି ବୈଠକରେ ଜିଏସଟି ଫାଇଲିଂକୁ ଆହୁରି ସରଳ କରିବା ନେଇ କୌଣସି ନିଷ୍ପତ୍ତି ହୋଇପାରି ନାହିଁ । ପୁଣି ପେଟ୍ରୋଲ ଓ ଡିଜେଲକୁ ଜିଏସଟିର ଅନ୍ତର୍ଭୁକ୍ତ କରିବା ନେଇ ବୈଠକରେ ଆଲୋଚନା ହୋଇଥିଲେ ମଧ୍ୟ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ । ଜିଏସଟି କାଉନସିଲର ଆଗାମୀ ବୈଠକରେ ଏ ନେଇ ନିଷ୍ପତ୍ତି ନିଆଯିବାର ସମ୍ଭାବନା ରହିଛି । ଅନ୍ୟପକ୍ଷରେ ଇ-ୱେ ବିଲ୍ ବ୍ୟବସ୍ଥାର ପରୀକ୍ଷଣ ଜାନୁୟାରୀ ୨୫ ପର୍ଯ୍ୟନ୍ତ ଅବ୍ୟାହତ ରହିବ ଓ ଫେବ୍ରୁଆରୀ ୧ରୁ ଏହାକୁ ବାଧ୍ୟତାମୂଳକ କରାଯିବ । ପୁଣି ରାଜ୍ୟ ଭିତରେ ଇ-ୱେ ବିଲ୍ ବ୍ୟବସ୍ଥା ଲାଗି ୧୫ଟି ରାଜ୍ୟ ରାଜି ହୋଇଛନ୍ତି ।

କମିଲା

ହସ୍ତଶିଳ୍ପ ସାମଗ୍ରୀ, ୟୁଜଡ୍ କାର୍ (ସେକେଣ୍ଡହାଣ୍ଡ କାର), ପେଟ୍ରୋଲିୟମ ଓ ଗ୍ୟାସର ମାଇନିଂ ଓ ଡ୍ରିଲିଂ ସେବା, ଆମ୍ବୁଲାନ୍ସ ଗାଡ଼ି, ପେଟ୍ରୋଲିୟମ ଉତ୍ପାଦର ପରିବହନ ସେବା, ମେଟ୍ରୋ ଏବଂ ମନୋରେଲ ପ୍ରୋଜେକ୍ଟ ସର୍ଭିସ, ହୀରା, ଭେଲଭେଟ୍ କପା, ମେହେନ୍ଦି ପେଷ୍ଟ, ପାଣି ବୋତଲ, ଫସଫୋରିକ ଏସିଡ ।

ନଈରେ ଭାସିଲା ୨ଶିଶୁପୁତ୍ରର ଶବ

ଭଦ୍ରକ,୧୮।୧ (ସକାଳ ଖବର): ଭଦ୍ରକ ସହରରେ ଭ୍ରୂଣ ହତ୍ୟା ବଢ଼ିଚାଲିଛି। ସଚେତନତାର ଅଭାବ ହେଉ କିମ୍ବା ଅନ୍ୟ କୌଣସି କାରଣରୁ ଏହି ଧାରା ଏବେ ସହରରେ ଉଦ୍‌ବେଗଜନକ ଆକାର ଧାରଣ କରିଛି। ଏ କ୍ଷେତ୍ରରେ ପ୍ରଶାସନିକ ନିଷ୍କ୍ରିୟତାକୁ ମଧ୍ୟ କିଛି ମାତ୍ରାରେ ଦାୟୀ କରାଯାଉଛି। ଅଳ୍ପ କିଛି ଦିନ ପୂର୍ବେ ସହର ମଧ୍ୟସ୍ଥ ରାଜଘାଟ ପୋଲ ତଳେ ଏକ ନବଜାତକ ଶିଶୁ କନ୍ୟାର ମୃତଦେହ ଉଦ୍ଧାର କରାଯାଇଥିଲା। ଯାହକୁ ନେଇ ସହରରେ ସଚେତନ ନାଗରିକ ଓ ବିଭିନ୍ନ ଅନୁଷ୍ଠାନମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଏହି ପରିପ୍ରେକ୍ଷୀରେ ଆଜି ଐତିହାସିକ ଗାନ୍ଧୀ ପଡ଼ିଆ ନିକଟସ୍ଥ ଶ୍ମଶାନ ଘାଟ ନଦୀକୂଳରୁ ୨ଜଣ ନବଜାତକ ଶିଶୁ ପୁତ୍ରଙ୍କ ମୃତ ଦେହ ମିଳିବା ଘଟଣା ସହରରେ ଚର୍ଚ୍ଚାର ବିଷୟ ପାଲଟିଛି। ହୁଏତ କୌଣସି ଅବିବାହିତ ଯୁବତୀ ଗର୍ଭଧାରଣ କରିବା ପରେ ଉକ୍ତ ଶିଶୁପୁତ୍ରଙ୍କୁ ଜନ୍ମ ଦେଇ ନଦୀରେ **(ପୃଷ୍ଠା-୭)**

ଅଗ୍ନି- ୫ର ସଫଳ ପରୀକ୍ଷଣ

ବାଲେଶ୍ୱର, ୧୮।୧ (ସକାଳ ଖବର): ପ୍ରତିରକ୍ଷା ଗବେଷଣା ଉନ୍ନୟନ ପ୍ରତିଷ୍ଠାନ (ଡିଆରଡିଓ) ପକ୍ଷରୁ ଆଜି ଅବଦୁଲ କାଲାମ ଦ୍ୱୀପର ୪ ନଂ ଲଂଚ ପ୍ୟାଡ୍ ରୁ ଅଗ୍ନି - ୫ କ୍ଷେପଣାସ୍ତ୍ରର ସଫଳ ଉତକ୍ଷେପଣ ହୋଇଯାଇଛି । ଆଜି ସକାଳ ୯ଟା ୫୩ ମିନିଟ୍ ସମୟରେ ଏହାକୁ ଉତକ୍ଷେପଣ କରାଯାଇଛି । ଚୀନ୍ ର ଅନ୍ତଃ ମହାଦେଶୀୟ ବାଲାଷ୍ଟିକ୍ କ୍ଷେପଣାସ୍ତ୍ର ଡଙ୍ଗପେଙ୍ଗ-୫ କୁ ଏହା କଡ଼ା ଜବାବ ଦେବ । ଭାରତର ଯେ କୌଣସି ସ୍ଥାନରୁ ଚୀନ୍‌କୁ ଏହା ଟାର୍ଗେଟ୍ କରିପାରିବ । ଏପରିକି ଜରୁରୀ ସ୍ଥିତିରେ ରେଳ ଓ ରୋଡ ଲଂଚରରୁ ଉତକ୍ଷେପଣ ହୋଇପାରିବ ।

ପରମାଣୁ କ୍ଷମତା ସମ୍ପନ୍ନ ଏହି ବାଲାଷ୍ଟିକ୍ କ୍ଷେପଣାସ୍ତ୍ର ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ। ଏହାର ଲମ୍ବ ୧୭.୫ ମିଟର, ମୋଟେଇ ୨ ମିଟର ଓ ଓଜନ ୫୦ ଟନ୍ । ଏହାର ଦେଢ଼ ଟନ୍ ଓଜନର ପାରମ୍ପରିକ କିମ୍ବା ପରମାଣୁ ଯୁଦ୍ଧାସ୍ତ୍ର **(ପୃଷ୍ଠା-୭)**

ରାଜ୍ୟ ବିପର୍ଯ୍ୟୟ ପାଣ୍ଠିକୁ ଅଧିକ ଅର୍ଥ ଯୋଗାଇବାକୁ ଦାବି

- ନୂଆଦିଲ୍ଲୀରେ ପ୍ରାକ୍-ବଜେଟ୍ ବୈଠକ
- ଅର୍ଥମନ୍ତ୍ରୀ ଶ୍ରୀ ବେହେରାଙ୍କ ଦ୍ୱାରା ବିଭିନ୍ନ ଦାବି ଉପସ୍ଥାପିତ
- ରେଳବାଇ କ୍ଷେତ୍ରରେ ଅଧିକ ପ୍ରାଧାନ ଦେବାକୁ ଦାବି
- ରାଜ୍ୟରେ ଅଧିକ ବ୍ୟାଙ୍କ ପ୍ରତିଷ୍ଠା କରାଯାଉ

ଭୁବନେଶ୍ୱର,୧୮।୧ (ସକାଳ ଖବର): ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠିକୁ କେନ୍ଦ୍ର ସରକାର ଅଧିକ ଅର୍ଥ ଯୋଗାଇଦେବା ସହ ଠିକଣା ସମୟରେ କୃଷକମାନଙ୍କ ଋଣ ଭରଣା କରିବା ପାଇଁ ଏକ ଟ୍ରଷ୍ଟ ପାଣ୍ଠି ଗଠନ ଉପରେ ଅର୍ଥମନ୍ତ୍ରୀ ଶ୍ରୀ ଶଶିଭୂଷଣ ବେହେରା ଗୁରୁତ୍ୱ ଆରୋପ କରିଛନ୍ତି । ଆଜି ପୂର୍ବାହ୍ନରେ ନୂଆଦିଲ୍ଲୀରେ କେନ୍ଦ୍ର ବଜେଟ୍ ଆଗତ ପୂର୍ବରୁ ପ୍ରାକ୍ ବୈଠକରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ବେହେରା ରାଜ୍ୟର ସ୍ୱାର୍ଥ ଓ ରାଜ୍ୟବାସୀଙ୍କ କଲ୍ୟାଣ ଦୃଷ୍ଟିରୁ କେତେକ ପ୍ରସ୍ତାବ ଦେଇ ବଜେଟ୍‌ରେ ଅର୍ଥ ବ୍ୟବସ୍ଥା କରିବାକୁ ଦୃଢ଼ ଦାବି ଜଣାଇଛନ୍ତି ।

ବିଜ୍ଞାନଭବନରେ ଅନୁଷ୍ଠିତ ଏହି ବୈଠକରେ ଯୋଗଦେଇ ଅର୍ଥମନ୍ତ୍ରୀ ଶ୍ରୀ ବେହେରା କହିଛନ୍ତି ଯେ, ରାଜ୍ୟ ବିପର୍ଯ୍ୟୟ ପାଣ୍ଠିକୁ କେନ୍ଦ୍ର ସରକାର ଦେଉଥିବା ୭୫ ପ୍ରତିଶତ ଅର୍ଥକୁ ବୃଦ୍ଧି କରାଯାଇ ୯୦ ପ୍ରତିଶତ କରାଯାଉ । ଜି.ଏସ୍.ଟି କାର୍ଯ୍ୟକାରୀ ହେଲେ ଏହି ଅନୁପାତରେ ଅର୍ଥ ଯୋଗାଇ ଦିଆଯିବ ବୋଲି ୧୪ଶ ଅର୍ଥ କମିଶନ୍ ସୁପାରିଶ କରିଥିଲେ ମଧ୍ୟ ଏଯାବତ୍ ତାହା କାର୍ଯ୍ୟକାରୀ ହୋଇନାହିଁ । ସେହିପରି କୃଷକମାନଙ୍କର ଋଣ କ୍ଷେତ୍ରରେ ପରିଶୋଧ ନିମନ୍ତେ ଏକ ନିଶ୍ଚିତ ବ୍ୟବସ୍ଥା ପ୍ରବ'ନ ଉର୍ଦ୍ଦେଶ୍ୟରେ କେନ୍ଦ୍ର ସରକାର ନାବାର୍ଡ ଅଧୀନରେ ଏକ ଟ୍ରଷ୍ଟ ପାଣ୍ଠି ଗଠନ କରିବାକୁ ମନ୍ତ୍ରୀ ଶ୍ରୀ ବେହେରା ପ୍ରସ୍ତାବ ଦେଇଛନ୍ତି । ମନ୍ତ୍ରୀ ଶ୍ରୀ ବେହେରା କହିଛନ୍ତି ଯେ କେନ୍ଦ୍ର ସରକାର ସଂଗୃହୀତ ଟିକସର ରାଜ୍ୟ ଭାଗ ପ୍ରତିମାସର ୧ ତାରିଖ ବଦଳରେ ୧୫ ତାରିଖରେ ଦେବା ପାଇଁ ସ୍ଥିର କରିବା ଯଥାର୍ଥ ନୁହେଁ । ଏହି ଟିକସ ଭାଗ ପ୍ରଦାନ ପାଇଁ ପ୍ରତିମାସର ୧ ତାରିଖକୁ ପୂର୍ବବତ୍ ସୁନିଶ୍ଚିତ କରିବା ନିମନ୍ତେ ପଦକ୍ଷେପ ନିଆଯାଉ । ଯେଉଁସବୁ ଯୋଜନା ନିମନ୍ତେ କେନ୍ଦ୍ର ସରକାର ଅର୍ଥ ଦେଉଛନ୍ତି, ସେ ବାବଦରେ ନିର୍ଦ୍ଦିଷ୍ଟ ଭାବରେ ସହାୟତା ରାଶି ପରିମାଣ ଆଗତୁରା ଜଣାଇବାକୁ ମନ୍ତ୍ରୀ ପ୍ରସ୍ତାବ ଦେଇଛନ୍ତି । ସେପରି ହେଲେ ରାଜ୍ୟର ଯୋଜନା ରୂପାୟନ କ୍ଷେତ୍ରରେ ଅସଙ୍ଗତି କି ଜଟିଳତା ଦେଖାଦେବ ନାହିଁ ବୋଲି ସେ କହିଛନ୍ତି । କୋଇଲା ଉପରେ ରୟାଲିଟି ଏ ପର୍ଯ୍ୟନ୍ତ ସଂଶୋଧନ ହେଲା ନାହିଁ ବୋଲି କ୍ଷୋଭ ପ୍ରକାଶ କରି ମନ୍ତ୍ରୀ ଶ୍ରୀ ବେହେରା କହିଛନ୍ତି ଯେ ପ୍ରତି ତିନିବର୍ଷରେ କୋଇଲା ରୟାଲିଟି ସଂଶୋଧିତ ହେବାର ନିୟମ ଥିଲେ ମଧ୍ୟ ୨୦୧୫ରୁ ଏଯାବତ୍ ଏହା କରାଯାଇ ନାହିଁ । ଫଳରେ ଓଡ଼ିଶା କୋଇଲା ରୟାଲିଟି ହରାଉଛି । ତୁରନ୍ତ କୋଇଲା ରୟାଲିଟି ସଂଶୋଧନ କରିବାକୁ ସେ ଦାବି କରିଛନ୍ତି । ରାଜ୍ୟରେ ରେଳବାଇ ବିକାଶ କ୍ଷେତ୍ରରେ କେନ୍ଦ୍ରର ଉଦାସୀନ ମନୋଭାବକୁ ଦର୍ଶାଇ ମନ୍ତ୍ରୀ କହିଛନ୍ତି ଯେ ରେଳବାଇ ଓଡ଼ିଶାରୁ ବାର୍ଷିକ ୧୭ ହଜାର କୋଟି ଟଙ୍କା ରାଜସ୍ୱ ସଂଗ୍ରହ **(ପୃଷ୍ଠା-୭)**

୨୭ରେ ଉନ୍ମୋଚନ ହେବ ବିଜୁବାବୁଙ୍କ ଜୀବନୀ ପୁସ୍ତକ

ଭୁବନେଶ୍ୱର, ୧୮।୧ (ସକାଳ ଖବର): ଆସନ୍ତା ୨୭ ତାରିଖ ଦିନ ଅପରାହ୍ନ ୪.୩୦ ମିନିଟ୍‌ରେ କଳିଙ୍ଗର ବରପୁତ୍ର ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କର ଜୀବନୀ ଉପରେ ଲେଖାଯାଇଥିବା ପୁସ୍ତକ ବିଜୁ ପଟ୍ଟନାୟକ ଦି ଟଲମ୍ୟାନ ଉନ୍ମୋଚିତ ହେବ। ପୂର୍ବତନ ରାଷ୍ଟ୍ରପତି ଶ୍ରୀ ପ୍ରଣବ ମୁଖାର୍ଜୀ ଏହି ପୁସ୍ତକ ଉନ୍ମୋଚନ କରିବେ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀ ଏସଡି ଦେବେଗୌଡ଼ା, ଉପ ପ୍ରଧାନମନ୍ତ୍ରୀ ଏଲକେ ଆଡ଼ଭାନୀ, ସିପିଏମର ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ଯୋଗଦେଇ ବିଜୁବାବୁଙ୍କ ସମ୍ପର୍କରେ ସେମାନଙ୍କର ମତ ରଖିବେ ବୋଲି ବିଜୁ ଶତବାର୍ଷିକୀ କମିଟି ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟକ୍ରମ ଦଳୀୟ କାର୍ଯ୍ୟକ୍ରମ ନୁହେଁ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

ପ୍ରଶାନ୍ତ ଦାସଙ୍କୁ ଜାମିନ

ଭୁବନେଶ୍ୱର, ୧୮।୧ (ସକାଳ ଖବର): ସିସୋର ଚିଟଫଣ୍ଡ ସଂସ୍ଥାର ମୁଖ୍ୟ ପ୍ରଶାନ୍ତ ଦାସଙ୍କୁ ଢେଙ୍କାନାଳ ଦୌରାଜଜ ଜାମିନ ଦେଇଛନ୍ତି। ଦୁଇଲକ୍ଷ ଟଙ୍କା ଏବଂ ଦୁଇ ଜାମିନଦାର ବଦଳରେ ଏହି ଜାମିନ ପାଇଛନ୍ତି। ସୂଚନାଯୋଗ୍ୟ ଯେ, ଶ୍ରୀ ଦାସ ଝାରପଡ଼ା ଜେଲରେ ଥିଲେ। କୋର୍ଟରୁ ଜାମିନ ପାଇବା ପରେ ଦିନେପରେ ଢେଙ୍କାନାଳ ପୋଲିସ ୱାରେଂଟ ବଳରେ ଗିରଫ କରି କୋର୍ଟ ପଠାଇଥିଲା।



ଯିଏ ମୋତେ ଭକ୍ତିରେ ହାତ ଯୋଡିବ ମୁଁ ତା ପାଖକୁ ପହଞ୍ଚିବି ସେ ଯେଉଁଠି ଥାଉ ।

‘ପଦ୍ମାବତ୍’ ଆଶ୍ୱସ୍ତ
ସୁପ୍ରିମ୍‌କୋର୍ଟର ସବୁଜ ସଂକେତ



ନୂଆଦିଲ୍ଲୀ, ୧୮।୧ : ବିବାଦ ଘେରରେ ରହିଥିବା ଚଳଚ୍ଚିତ୍ର ‘ପଦ୍ମାବତ୍’କୁ ନେଇ ଆଜି ସୁପ୍ରିମ୍‌କୋର୍ଟ ସବୁଜ ସଂକେତ ଦେଇଛନ୍ତି । ଏବେ ଏହି ଚଳଚ୍ଚିତ୍ର ଜାନୁଆରୀ ୨୫ ତାରିଖରେ ସବୁ ରାଜ୍ୟରେ ରିଲିଜ୍ ହେବ । ତେବେ ବିଜେପି ଶାସିତ ୪ଟି ରାଜ୍ୟରେ ଏହି ଚଳଚ୍ଚିତ୍ର ରିଲିଜ୍ ନେଇ ରୋକ୍ ଲଗାଇଛନ୍ତି । ସୁପ୍ରିମ୍‌କୋର୍ଟ ମଧ୍ୟପ୍ରଦେଶ, ହରିଆଣା, ରାଜସ୍ଥାନ ଓ ଗୁଜୁରାଟ ସରକାରଙ୍କ ଏହି ନିଷ୍ପତ୍ତିକୁ ବେଆଇନ୍ ଦର୍ଶାଇଛନନ୍ତି। ସୁପ୍ରିମ୍‌କୋର୍ଟର ମୁଖ୍ୟ ବିଚାରପତି ଦୀପକ ମିଶ୍ର, ବିଚାରପତି ଏଏନ୍ ଖାନ୍‌ୱିଲକର ଓ ବିଚାରପତି ଧନଞ୍ଜୟ ୱାଇ ଚନ୍ଦ୍ରଚୂଡ଼ଙ୍କ ଖଣ୍ଡପୀଠ ଏହି ଚଳଚ୍ଚିତ୍ର ନିର୍ମାତା ଭାୟକମ୍-୧୮ ଓ ଅନ୍ୟ ଯାଚିକାକର୍ତ୍ତାଙ୍କ ଓକିଲଙ୍କ ଦ୍ୱାରା କରାଯାଇଥିବା ପ୍ରାର୍ଥନା ଉପରେ ବିଚାର କରି ଏହାର ରିଲିଜ୍ ଉପରେ ସବୁଜ ସଂକେତ ଦେଇଛଛନ୍ତି ।

ଚିଟ୍‌ଫଣ୍ଡ ତଦନ୍ତ କମିଶନଙ୍କର ଚତୁର୍ଥ ଅନ୍ତରୀଣ ରିପୋର୍ଟ ପ୍ରଦାନ

ଭୁବନେଶ୍ୱର, ୧୮।୧ (ସକାଳ ଖବର): ଚିଟଫଣ୍ଡ କମିଶନଙ୍କର ଚତୁର୍ଥ ଅନ୍ତରୀଣ ରିପୋର୍ଟ ଗୃହସଚିବ ଅସୀତ ତ୍ରିପାଠୀଙ୍କୁ କମିଶନର ସଚିବ ଏମଏମ ଦାସ ପ୍ରଦାନ କରିଛନ୍ତି। ଏହି ରିପୋର୍ଟରେ ସମୁଦାୟ ୫୫,୫୬୩ କ୍ଷୁଦ୍ର ଜମାକାରୀମାନଙ୍କୁ ଚିହ୍ନଟ ହୋଇଛି ବୋଲି ଉଲ୍ଲେଖ କରାଯାଇଛି। ଏଥିପୂର୍ବରୁ ତୃତୀୟ ରିପୋର୍ଟରେ ୬୦,୯୪୧ ଜମାକାରୀଙ୍କୁ ଚିହ୍ନଟ ହୋଇଥିବା ଦର୍ଶାଯାଇଥିଲା। ଚତୁର୍ଥ ରିପୋର୍ଟରେ ଫ୍ଲୋରିସ୍ ଇଣ୍ଡିଆର ସର୍ବାଧିକ ୧୦,୦୩୦ଜଣ କ୍ଷୁଦ୍ର ଜମାକାରୀଙ୍କୁ ଚିହ୍ନଟ କରାଯାଇଥିଲା ବେଳେ ସିସୋର୍‌ର **(ପୃଷ୍ଠା-୭)**

ଜଳିଗଲା ୧୦୦ ବଖରା

ଗଞ୍ଜାମ, ୧୮।୧ (ସକାଳ ଖବର): ବ୍ରହ୍ମପୁର ସହରର କେନ୍ଦ୍ରସ୍ଥଳି ବିଜୁ ପଟ୍ଟନାୟକ ପାର୍କ ନିକଟ କର୍ପୋରେସନ ରୋଡରେ ଥିବା ଗେଟା ବସ୍ତିରେ ଆଜି ସକାଳେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ପ୍ରାୟ ୧୦୦ ବଖରା ଘର ସମେତ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଆସବାବପତ୍ର ପୋଡି ନଷ୍ଟ ହୋଇଯାଇଛି । ରାସ୍ତା ଅଣ ଓସାରିଆ ଥିବାରୁ ଏବଂ ନିଆଁ ବ୍ୟାପକ ରୂପ ଧାରଣ କରିଥିବାରୁ ଲୋକେ ଘର ଭିତରୁ ଆସବାବପତ୍ର ଉଦ୍ଧାର କରିପାରିନଥିଲେ । ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିଲେ ମଧ୍ୟ ବିଦ୍ୟୁତ ସର୍ଟ ସର୍କିଟ୍ କିମ୍ବା ଗ୍ୟାସ୍ ସିଲିଣ୍ଡର ଫାଟି ନିଆଁ ଲାଗିଥିବା ଅନୁମାନ କରାଯାଉଛି । ଘଟଣାସ୍ଥଳରେ ୪ଟି ଦମକଳ ଗାଡି ସହ ଅଗ୍ନିଶମ କର୍ମଚାରୀମାନେ ପହଂଚି ନିଆଁକୁ ଆୟତ କରିଥିଲେ । ଏ ସମ୍ପର୍କରେ ଖବର ପାଇ ସ୍ଥାନୀୟ ବିଧାୟକ ଡଃ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଉପଜିଲ୍ଲାପାଳ ଇଂ ସିଦ୍ଧାର୍ଥଶଙ୍କର ସ୍ୱାଇଁ, ମେୟର କେ. ମାଧବୀ, ବିଡ଼ିଏ ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ମହାରଣା ଏବଂ ବ୍ରହ୍ମପୁର କର୍ପୋରେସନର ବହୁ କାଉନସିଲର ସେଠାରେ ପହଂଚି ବିପନ୍ନଙ୍କୁ ରନ୍ଧା ଖାଦ୍ୟ, ପଲିଥିନ ଓ ଶୀତବସ୍ତ୍ର ଯୋଗାଇଛନ୍ତି । ବିପନ୍ନଙ୍କୁ ମାସକ ମଧ୍ୟରେ ପକ୍କା ଘର ଯୋଗାଇ ଦିଆଯିବ ବୋଲି ବିଧାୟକ ସୂଚନା ଦେଇଛନ୍ତି ।

ହୋଇପାରିଲାନି ନିଷ୍ପତ୍ତି

ମହାନଦୀ ନେଇ ବସିଲା ଗୃହ କମିଟି ବୈଠକ, ଆସିଲେନି ବିରୋଧୀ ଦଳ ନେତା

ଭୁବନେଶ୍ୱର, ୧୮।୧ (ସକାଳ ଖବର): ମହାନଦୀ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ପାଇଁ ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଗଠିତ ୧୬ଜଣିଆ ଗୃହ କମିଟିର ବୈଠକ ଆଜି ବସିଥିଲେ ହେଁ କୌଣସି ନିଷ୍ପତ୍ତି ନିଆଯାଇପାରି ନାହିଁ ବିରୋଧି ଦଳ ନେତା ଶ୍ରୀ ନରସିଂହ ମିଶ୍ର ଏବଂ ଶାସକ ଦଳ ବିଧାୟକ ପଦ୍ମନାଭ ବେହେରା ଅନୁପସ୍ଥିତ ହେଉଛି ଏହାର କାରଣ। ଅନ୍ୟପକ୍ଷରେ ବୈଠକରେ ଉପସ୍ଥାପନ କରାଯାଇଥିବା ମହାନଦୀ ସମ୍ପର୍କିତ ତଥ୍ୟ ପର୍ଯ୍ୟବେଶିତ ଇଂରାଜୀ ଓ ଓଡ଼ିଆ ରିପୋର୍ଟ ଉପସ୍ଥିତ ଥିବା ସଭ୍ୟମାନଙ୍କୁ ଅନୁଧ୍ୟାନ କରିବା ପାଇଁ ପ୍ରଦାନ କରାଯାଇଥିଲା। ବାଚସ୍ପତି ପ୍ରଦୀପ କୁମାର ଅମାତ ଏହି ରିପୋର୍ଟ ପ୍ରଦାନ କରି କହିଥିଲେ ଯେ, ଆସନ୍ତା ମାସ ପ୍ରଥମ ସପ୍ତାହରେ ପୁନର୍ବାର ଏହି ବୈଠକ ବସିବ। ଏହି ବୈଠକରେ ଉପସ୍ଥିତ ସଭ୍ୟମାନେ ହେଲେ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ବିଜେପି ନେତା କନକ ବର୍ଦ୍ଧନ

ଫେବୃୟାରୀ ପ୍ରଥମ ସପ୍ତାହରେ ପୁଣି ବସିବ ବୈଠକ

ସିଂହଦେଓ, ବିରୋଧି ଦଳ ମୁଖ୍ୟ ସଚେତକ ତାରାପ୍ରସାଦ ବାହିନୀପତି, ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ବିଧାୟକ ସଞ୍ଜୟ ଦାସବର୍ମା, ଅରୁଣ ସାହୁ, ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ହୁଣ୍ଡିର ଆୟ (୧୬.୧୧.୧୭)
୪,୪୫,୦୨୭

ବାଜିଲା ନିର୍ବାଚନୀ ବିଗୁଲ୍
ଫେବୃୟାରୀ ୧୮ରେ ତ୍ରିପୁରା ଓ ୨୭ରେ ମେଘାଳୟ ଓ ନାଗାଲାଣ୍ଡ

ନୂଆଦିଲ୍ଲୀ, ୧୮।୧ : ତ୍ରିପୁରା, ମେଘାଳୟ ଓ ନାଗାଲାଣ୍ଡ ବିଧାନସଭା ନିର୍ବାଚନ ପାଇଁ ଗୁରୁବାର ନିର୍ବାଚନୀ ବିଗୁଲ୍ ବାଜିଯାଇଛି । ଫେବୃୟାରୀ ୧୮ରେ ତ୍ରିପୁରା ବିଧାନସଭା ତାରିଖ ଘୋଷଣା ହୋଇଥିବା ବେଳେ ମେଘାଳୟ ଓ ନାଗାଲାଣ୍ଡ ପାଇଁ ଫେବୃୟାରୀ ୨୭ ତାରିଖ ଧାର୍ଯ୍ୟ କରାଯାଇଛି । ମାର୍ଚ୍ଚ ୩ ତାରିଖରେ ଭୋଟ୍ ଗଣତି ହେବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଏକେ ଜ୍ୟୋତି ପ୍ରକାଶ କରିଛନ୍ତି ।

ସନାଙ୍କୁ ନୋଟିସ୍

ଯୋଡ଼ା, ୧୮।୧ (ସକାଳ ଖବର) : ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ ମ୍ୟାନେଜରଙ୍କ ଗାଡ଼ିରୁ ମିଳିଥିବା ୫୦ଲକ୍ଷ ଟଙ୍କା ପାଇଁ ପୋଲିସର ସନ୍ଦେହଘେରକୁ ଆସିଛନ୍ତି ଚମ୍ପୁଆର ବିଧାୟକ ସନାତନ ମହାକୁଡ଼ । ପୋଲିସର ସନ୍ଦେହଘେରକୁ ଆସିଛି । ସେଥିପାଇଁ ବିଧାୟକ ସନାତନ ମହାକୁଡ଼ଙ୍କୁ ୨୦ରେ ଥାନାରେ ହାଜର ହେବା ପାଇଁ ନୋଟିସ୍ ଜାରି କରାଯାଇଛି । ସୂଚନାଯୋଗ୍ୟ ପୂର୍ବରୁ ଏହି ଘଟଣାରେ ସଂପୃକ୍ତ ମ୍ୟାନେଜର ଏବଂ ତାଙ୍କର ଜଣେ ସହଯୋଗୀଙ୍କୁ ପୋଲିସ ଗିରଫ କରିଛି । ଗତ କିଛିଦିନ ତଳେ ଚେକିଂ ସମୟରେ ସଂପୃକ୍ତ ମ୍ୟାନେଜରଙ୍କ ଗାଡ଼ିରୁ ପୋଲିସ ଉକ୍ତ ଟଙ୍କା ଜବତ କରିଥିଲେ । ତାଙ୍କୁ ପଚାରିବା ସମୟରେ ସେ ଉକ୍ତ ଅର୍ଥ ବିଧାୟକ ସନାତନ ମହାକୁଡ଼ଙ୍କର ବୋଲି ପ୍ରକାଶ କରିଥିଲେ । ସେ ଏହି ଅର୍ଥ ତାଙ୍କୁ ଦେବା ପାଇଁ ତାଙ୍କ ଘରକୁ ଯାଉଥିଲେ ବୋଲି ପୋଲିସକୁ ସୂଚନା ଦେଇଥିଲେ । କିନ୍ତୁ ଏହି ଘଟଣା ଉପରେ ବିଧାୟକଙ୍କ ମତାମତ ମିଳିପାରିନାହିଁ ।

¯ÿ{ f ¨Àÿ D¨-œÿ¯ÿæ`ÿœÿ †ÿæÀÿQ {Wæ Ì~æ œÿ{Üÿ¯ÿæ FLÿ `ÿLÿæ;ÿ: ¯ÿ{ fxÿ

¯ÿ{ fxÿ ÉæÓœÿ{Àÿ ¯ÿ{ f ¨Àÿ ¯ÿæÓê AÓÀÿëÿ†ÿ, A¯ÿ{ÜÿÁÿ†ÿ F¯ÿó A¨þæœÿ†ÿ : ¯ÿ{ f¨

™æœÿÀÿ Ó¯ÿœÿþ ÓÜÿæßLÿ þàÿ ¯ÿÞæB¯ÿæ ’ÿæ ¯ÿ{Àÿ ¯ÿ{ fxÿÀÿ Lÿþæ S†ÿ S~ ¯ÿ{äæµÿ H ™æÀÿ~æ

23{Àÿ 'ÿœÿÿLÿÀæ HxÿÉæ SÓ{Àÿ AæÓd;ÿ $æHÀÿ `ÿ¢ÿ {SÜÿ{àÿæs

{¨òÀÿ¨æÁÿLÿæ ¨äÀÿ 801 f~Zÿ Lÿæ¾¿æ{'ÿÉ ¯ÿ+œÿ

Ó†ÿ¿ ÓÀÿ¨ ÓæÀÿLÿê s -20 Lÿ{Lÿs, `ÿÀÿ¸æ FLÿæ{xÿþê `ÿæ¸ßœÿ

Aæ f vÿæÀÿ †ÿæÁÿ{`ÿÀÿ †ÿÜÿÓàÿ{Àÿ Aœÿàÿæ Bœÿ þ¿{sÓœÿ

Lÿæ¯ÿ~Aæ AæÉþÀÿ †ÿ†ÿæ¨Üÿ æÀÿê ¾j ¨Ó†ÿ {¯ÿvÿLÿ

{¨Ó FLÿæ{xÿþê ¨äÀÿ Aæ{àÿæ`ÿœÿæ `ÿLÿ

Printed, Published & Owned by Amit Kumar Mallick Printed at Press Webline,D-2/19 Sector, Sector-A,Zone-D, Mancheswar Industrial Estate,BBSR-751010, City Office: A/69, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, (O), E-mail address : thesakala@hotmail.com, thesakal0@gmail.com

Editor - Amit Kumar Mallick